# NATIONAL NEWS BULLETIN (ODIA)
## 18 June - 2025
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ସରକାରୀ ଉଦ୍ୟୋଗ ଗୁଡ଼ିକରେ ଘରୋଇ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ସମନ୍ୱିତ କରି ଦେଶର ପ୍ରତିରକ୍ଷା କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କଲେ ରାଷ୍ଟ୍ରପତି ।
- କ୍ରୋଏସିଆର ଫ୍ରାଞ୍ଜୋ ଟୁଡମାନ ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ।
- ବିକଶିତ କୃଷି ସଂକଳ୍ପ ଅଭିଯାନ ଅନ୍ତର୍ଗତ ଦେଶ ବ୍ୟାପି ଉପକୃତ ହୋଇଛନ୍ତି ୧୩ କୋଟି ୪୦ ଲକ୍ଷ ଚାଷୀ, କହିଲେ କେନ୍ଦ୍ର କୃଷି ମନ୍ତ୍ରୀ ।
- ଚଳିତ ବର୍ଷ ଅଗଷ୍ଟ ୧୫ ତାରିଖରୁ ଅଣ-ବାଣିଜ୍ୟିକ ବ୍ୟକ୍ତିଗତ ଯାନବାହନ ଗୁଡ଼ିକ ପାଇଁ ସରକାର ପ୍ରଚଳନ କରିବେ ଫାଷ୍ଟଟାଗ୍ ଆଧାରିତ ବାର୍ଷିକ ପାସ୍ ।

ଏବଂ

- ଏକିକୃତ ପେନ୍‌ସନ୍ ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ କେନ୍ଦ୍ର ସରକାରୀ କର୍ମଚାରୀମାନେ ଏଣିକି ପାଇପାରିବେ ଅବସର ଏବଂ ମୃତ୍ୟୁକାଳୀନ ଗ୍ରାଚୁଇଟି ।

## ପ୍ରେଜ୍-ଡିଫେନ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସରକାରୀ ଉଦ୍ୟୋଗ ଗୁଡ଼ିକୁ ମଜବୁତ କରି ଘରୋଇ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ସମନ୍ୱିତ କରି ଦେଶର ପ୍ରତିରକ୍ଷା କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ପ୍ରତିରକ୍ଷା କ୍ଷେତ୍ରରେ ଘରୋଇ ଉଦ୍ୟୋଗ ଗୁଡ଼ିକର ସମନ୍ୱୟ ସହ ଦେଶ ସ୍ୱଦେଶୀକରଣ ପ୍ରୟାସକୁ ତ୍ୱରାନ୍ୱିତ କରିପାରିବ ଏବଂ ଏକ ବିଶ୍ୱ ପ୍ରତିରକ୍ଷା ଉତ୍ପାଦନ କେନ୍ଦ୍ର ଭାବରେ ପ୍ରତିଷ୍ଠା ଲାଭ କରିପାରିବ । ରାଷ୍ଟ୍ରପତି ମୁର୍ମୁ ଆଜି ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ଭାରତୀୟ କର୍ପୋରେଟ୍ ଆଇନ୍ ସେବା ପ୍ରତିରକ୍ଷା ବିମାନ ଗୁଣବତ୍ତା ଆଶ୍ୱାସନା ସେବା ଏବଂ କେନ୍ଦ୍ରୀୟ ଶ୍ରମ ସେବାର ଶିକ୍ଷା ନବିଶମାନଙ୍କ ସହ ସାକ୍ଷାତ କରିଛନ୍ତି । ରାଷ୍ଟ୍ରପତି ଅଧିକାରୀମାନଙ୍କୁ ସୁ-ଶାସନ, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ଆଲୋକବର୍ତ୍ତିକା ଭାବେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

# ପିଏମ୍-କ୍ରୋଏସିଆ ଭିଜିଟ୍

ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ କ୍ରୋଏସିଆକୁ ଐତିହାସିକ ଗସ୍ତ କରି ଜାଗ୍ରେବ୍‌ଠାରେ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । କ୍ରୋଏସିଆ ପ୍ରଧାନମନ୍ତ୍ରୀ ଆଣ୍ଡ୍ରେଜ୍ ପ୍ଲେନ୍‌କୋଭିକ୍’ ଫ୍ରାଞ୍ଜୋ ଟୁଡମାନ ବିମାନ ବନ୍ଦରରେ ଶ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ । ପାରମ୍ପରିକ ସାଂସ୍କୃତିକ ପ୍ରଦର୍ଶନ ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶ୍ରୀ ମୋଦୀ କ୍ରୋଏସିଆରେ ବସବାସ କରୁଥିବା ଭାରତୀୟ ବନ୍ଧୁମାନଙ୍କୁ ଭେଟିଥିଲେ ।

ପରେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ କ୍ରୋଏସିଆ ପ୍ରତିପକ୍ଷଙ୍କ ସରକାରୀ ବାସଭବନ ବାନ୍ସ୍କି ଡୋରିରେ ଏକ ପ୍ରତିନିଧି ସ୍ତରୀୟ ଆଲୋଚନାରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି । ଉଭୟ ନେତା ସେଣ୍ଟ ମାର୍କସ୍ ସ୍କୋୟାର୍‌ରେ ଏକ ସ୍ୱାଗତ ଉତ୍ସବରେ ଅଂଶଗ୍ରହଣ କରିବେ ଏବଂ ଇମ୍ପ୍ରେସନ୍ ପୁସ୍ତିକାରେ ସ୍ୱାକ୍ଷର କରିବେ । ଆଲୋଚନାରେ ରଣନୈତିକ ସହଯୋଗ ସହ ବହୁ ପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା ହେବାର ଆଶା କରାଯାଉଛି । ଆଲୋଚନା ପରେ ଗସ୍ତ ସମୟରେ ଏକ ଶୃଙ୍ଖଳା ଚୁକ୍ତିନାମା ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

ପରେ ଦୁଇ ପ୍ରଧାନମନ୍ତ୍ରୀ  ସେଠାରେ ଥିବା ସ୍ୱଦେଶ ସ୍ମାରକୀ ଗୁଡ଼ିକରେ ପୁଷ୍ପମାଲ୍ୟ ଅର୍ପଣ କରିବେ ଏବଂ ସହର ପରିଦର୍ଶନ କରିବେ । ଏହି ଗସ୍ତ ଅବସରରେ ଉଭୟ ଦେଶ ମଧ୍ୟରେ ପ୍ରତିନିଧିମଣ୍ଡଳୀ ସ୍ତରୀୟ

ଆଲୋଚନା, ପ୍ରମୁଖ କ୍ଷେତ୍ରରେ ରାଜିନାମା ଏବଂ ସାଂସ୍କୃତିକ କୂଟନୀତି ଅନ୍ତର୍ଭୁକ୍ତ ରହିବ । ଭାରତ ଏବଂ କ୍ରୋଏସିଆ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତି, କୃଷି, ଶିକ୍ଷା ଏବଂ ସଂସ୍କୃତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷରିତ ହେବ। ବିଜ୍ଞାନ କ୍ଷେତ୍ରରେ ସହଯୋଗର ଏକ କାର୍ଯ୍ୟକ୍ରମ, ମିଳିତ ଗବେଷଣା ଏବଂ ଜ୍ଞାନ ବିନିମୟକୁ ପ୍ରୋତ୍ସାହିତ କରିବ ।

କୃଷିକ୍ଷେତ୍ରରେ ହେବାକୁ ଥିବା ରାଜିନାମାରେ ୩୦ଟି କ୍ଷେତ୍ରକୁ ପ୍ରାଥମିକତା ଦିଆଯିବ । ୨୦୩୦ ପର୍ଯ୍ୟନ୍ତ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମର ସଂପ୍ରସାରଣ ଉପରେ ମଧ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବା ଆଶା କରାଯାଉଛି । ଏଥିରେ ପ୍ରଦର୍ଶନ କଳା, ସଂଗ୍ରହାଳୟ, ପ୍ରତ୍ନତତ୍ତ୍ୱ ଏବଂ ଗଣମାଧ୍ୟମ ଆଦି ବିଷୟ ଅନ୍ତର୍ଭୁକ୍ତ ରହିଛି ।

ଏହି ଅବସରରେ ଜାଗ୍ରେବ୍ ବିଶ୍ୱବିଦ୍ୟାଳୟରେ  ହିନ୍ଦୀ ଚେୟାରକୁ ମଧ୍ୟ ସଂପ୍ରସାରଣ କରାଯିବ, ଯାହା ଭାରତର ଭାଷାଗତ ଓ ଶିକ୍ଷାଗତ ପ୍ରସାରକୁ ବୃଦ୍ଧି କରିବ ।

ଆତଙ୍କବାଦ ଉପରେ ଭାରତର ଆଭିମୁଖ୍ୟ ଏବଂ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ଆସନ ପାଇଁ କ୍ରୋଏସିଆର ସମର୍ଥନ ହାସଲ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । ଦୁଇଦେଶ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା ଏବଂ ୟୁରୋପ, ମଧ୍ୟପ୍ରାଚ୍ୟ ଏବଂ ଭାରତକୁ ଯୋଡୁଥିବା ବ୍ୟାପକ ସଂଯୋଗ କରିଡର ପ୍ରସଙ୍ଗରେ ମଧ୍ୟ ସମନ୍ୱୟ ଭିତ୍ତିକ ଆଲୋଚନା ହେବ ବୋଲି ଆଶା କରାଯାଉଛି ।

# ଶିବରାଜ କ୍ୟାମ୍ପେନ୍

କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ସମ୍ପ୍ରତି ବିକଶିତ କୃଷି ସଂକଳ୍ପ ଅଭିଯାନ ଅନ୍ତର୍ଗତ ଦେଶ ବ୍ୟାପି ୧ ଲକ୍ଷ ୪୩ ହଜାର ଗ୍ରାମର ୧୩ କୋଟି ୪୦ ଲକ୍ଷ ଚାଷୀ ଉପକୃତ ହୋଇପାରିଛନ୍ତି । ଏହି ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ କୃଷି ଗବେଷଣା, ସମ୍ପ୍ରସାରଣ ଏବଂ ବିକାଶ ସହ ସମନ୍ୱୟ କରାଯାଇପାରିଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଚୌହାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଦୃଷ୍ଟିକୋଣ ସହ ସମନ୍ୱିତ ଏହି ଯୋଜନା ଅଧୀନରେ ୬୦ ହଜାରରୁ ଅଧିକ କାର୍ଯ୍ୟକ୍ରମ ଆଦିବାସୀ ଜିଲ୍ଲା ଗୁଡ଼ିକରେ କରାଯାଇଥିଲା । ସେ କହିଛନ୍ତି, ଏହି ଅଭିଯାନର ପ୍ରାଥମିକ ଲକ୍ଷ୍ୟ ଜମି ଏବଂ ପରୀକ୍ଷାଗାର ମଧ୍ୟରେ ଥିବା ଦୂରତ୍ୱକୁ ଦୂର କରିବା । ମନ୍ତ୍ରୀ କହିଛନ୍ତି, ଅଭିଯାନ ସମୟରେ ଚାଷୀମାନେ ବୈଜ୍ଞାନିକମାନଙ୍କ ନିକଟରେ କେବଳ ସେମାନଙ୍କର ସମସ୍ୟା ବାଣ୍ଟି ନ ଥିଲେ ବରଂ ସେମାନଙ୍କର ନୂତନ ଉଦ୍‌ଭାବନକୁ ମଧ୍ୟ ପ୍ରଦର୍ଶିତ କରିଥିଲେ । ମନ୍ତ୍ରୀ କହିଛନ୍ତି, ଚାଷୀଙ୍କ ଆୟ ବୃଦ୍ଧି କରିବା ଓ ଭାରତକୁ ବିଶ୍ୱର ଖାଦ୍ୟ ଝୁଡ଼ିରେ ପରିଣତ କରିବା ତାଙ୍କ ସରକାରଙ୍କ ପ୍ରାଥମିକତା । ସେ କହିଛନ୍ତି, ଏହି ଅଭିଯାନ ବନ୍ଦ ହେବ ନାହିଁ । ସରକାରୀ ଅଧିକାରୀ ଏବଂ କୃଷି ବୈଜ୍ଞାନିକମାନେ ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ କ୍ଷେତ୍ର ପରିଦର୍ଶନ କରିବା ଜାରି ରଖିବେ ।

# ପାଷ୍ଟଟାଗ୍-ପାସ୍

କେନ୍ଦ୍ର ସରକାର ଚଳିତ ବର୍ଷ ଅଗଷ୍ଟ ୧୫ ତାରିଖରୁ ଜାତୀୟ ରାଜପଥରେ ଚଳାଚଳ କରୁଥିବା ଅଣ-ବାଣିଜ୍ୟିକ ବ୍ୟକ୍ତିଗତ ଯାନବାହନ ଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ଫାଷ୍ଟ୍‌ଟାଗ୍ ଆଧାରିତ ବାର୍ଷିକ ପାସ୍ ପ୍ରଚଳନ କରିବେ । ଏହି ପାସ୍ ପାଇଁ ବାର୍ଷିକ ୩ ହଜାର ଟଙ୍କା ଦେବାକୁ ପଡ଼ିବ । ବାର୍ଷିକ ପାସ୍ ସକ୍ରିୟ ହେବାର ତାରିଖରୁ ଗୋଟିଏ ବର୍ଷ ପାଇଁ କିମ୍ବା ୨୦୦ ଯାତ୍ରା ପର୍ଯ୍ୟନ୍ତ ବୈଧ ରହିବ ବୋଲି ସୂଚନା ମିଳିଛି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ କହିଛନ୍ତି, ଏହି ପଦକ୍ଷେପ ରାଜପଥ ଯାତ୍ରାକୁ ସହଜ କରିବା ସହ ଟୋଲ୍‌ଗେଟ୍ ନିକଟରେ ଭିଡ଼ କମିବ । ଅସୁବିଧା ମୁକ୍ତ ରାଜପଥ ଯାତ୍ରା ପାଇଁ ଏହା ଏକ ପରିବର୍ତ୍ତନକାରୀ ପଦକ୍ଷେପ ହେବ । ସେ କହିଛନ୍ତି, ଏହି ଯୋଜନାର ସକ୍ରିୟକରଣ ଏବଂ ନବୀକରଣ ପାଇଁ ଏକ ଉତ୍ସର୍ଗୀକୃତ ଲିଙ୍କ୍ ଖୁବ୍ ଶୀଘ୍ର ରାଜମାର୍ଗ ଯାତ୍ରା ଆପ୍ ସହ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ସରକାରୀ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ । ଶ୍ରୀ ଗଡ଼କରୀ କହିଛନ୍ତି, ବାର୍ଷିକ ପାସ୍ ଲକ୍ଷ ଲକ୍ଷ ବ୍ୟକ୍ତିଗତ ଯାନବାହନ ମାଲିକଙ୍କ ପାଇଁ ଏକ ଦ୍ରୁତ ଏବଂ ସୁଗମ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବାର ଲକ୍ଷ୍ୟ ରଖିଛି ।

# ଜିତେନ୍ଦ୍ର ସିଂହ

ଏକିକୃତ ପେନ୍‌ସନ୍ ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ କେନ୍ଦ୍ର ସରକାରୀ କର୍ମଚାରୀମାନେ ଅବସର ଏବଂ ମୃତ୍ୟୁକାଳୀନ ଗ୍ରାଚୁଇଟି ଲାଭ ପାଇବାକୁ ଯୋଗ୍ୟ ହେବେ ବୋଲି ସାଧାରଣ ଅଭିଯୋଗ, ପ୍ରଶାସନ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଘୋଷଣା କରି କହିଛନ୍ତି । ଏନ୍.ଡି.ଏ. ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ପୂରଣ ଅବସରରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ମନ୍ତ୍ରୀ କହିଛନ୍ତି, ଏହି ପଦକ୍ଷେପ ସରକାରୀ କର୍ମଚାରୀଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଚାହିଦାକୁ ପୂରଣ କରିବା ସହ ଅବସର ଲାଭରେ ସମାନତା ଆଣିବ । ସେ କହିଛନ୍ତି, ନୂତନ ବ୍ୟବସ୍ଥା, ଜାତୀୟ ପେନ୍‌ସନ୍ ଯୋଜନା ଅଧୀନରେ ସମସ୍ତ ବର୍ଗର କର୍ମଚାରୀଙ୍କ ପାଇଁ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା କ୍ଷେତ୍ରରେ ସରକାରଙ୍କର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି । **V/O**

ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ସରକାର ଗତ ୧୦ ବର୍ଷ ମଧ୍ୟରେ ଖାଲି ପଡ଼ିଥିବା ସରକାରୀ ପଦବୀ ପୁରଣ ପାଇଁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛନ୍ତି । ଏନ୍.ଡି.ଏ. ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୧ ବର୍ଷରେ ହୋଇଥିବା ପ୍ରଶାସନିକ ସଂସ୍କାର କେବଳ ଶାସନରେ ସୀମିତ ନ ଥିଲା ବରଂ ଏହାର ପ୍ରଭାବ ସୁଦୂର ପ୍ରସାରୀ ରହିଥିଲା । ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ନାଗରିକମାନଙ୍କ ଜୀବନ ଜୀବିକାକୁ ସହଜ କରିବା ପାଇଁ

ପ୍ରୋତ୍ସାହିତ କରିବା ଦିଗରେ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

## ଇପିଆଇସି ଡେଲିଭରି

ନିର୍ବାଚନ ଆୟୋଗ ଭୋଟରମାନଙ୍କୁ ଭୋଟର ଫଟୋ ପରିଚୟପତ୍ର ବିତରଣକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏଣିକି ଭୋଟରମାନେ ଭୋଟର ତାଲିକାରେ ଅପ୍‌ଡେଟ୍ ହେବାର ୧୫ ଦିନ ମଧ୍ୟରେ ଭୋଟର ଫଟୋ ପରିଚୟପତ୍ର ପାଇପାରିବେ । ଆୟୋଗଙ୍କ ପକ୍ଷରୁ ଏଥିପାଇଁ ଏକ ନୂତନ ମାନକ କାର୍ଯ୍ୟ ପ୍ରଣାଳୀ ବିକଶିତ କରାଯାଇଛି । ଯାହାଦ୍ୱାରା ପରିଚୟପତ୍ର ଖୁବ୍ ଶୀଘ୍ର ଭୋଟରମାନେ ପାଇପାରିବେ । କମିଶନଙ୍କ ସୂଚନା ଅନୁସାରେ  ନୂତନ ପ୍ରଣାଳୀରେ ଇଲେକ୍ଟୋରାଲ୍ ପଞ୍ଜିକରଣ ଅଧିକାରୀଙ୍କ ଦ୍ୱାରା ଭୋଟର ଫଟୋ ପରିଚୟପତ୍ର  ଉତ୍ପନ୍ନ ଠାରୁ ବିତରଣ ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ଯ୍ୟାୟର ରିଅଲ୍-ଟାଇମ୍ ଟ୍ରାକିଂ ସୁନିଶ୍ଚିତ କରାଯିବ । ପ୍ରତ୍ୟେକ ପର୍ଯ୍ୟାୟରେ ଭୋଟରମାନେ ଏସ୍.ଏମ୍.ଏସ୍. ମାଧ୍ୟମରେ ମଧ୍ୟ ସୂଚନା ପାଇପାରିବେ ।

# ଗୁଜରାଟ ପ୍ଲେନ୍ କ୍ରାସ୍ ଡିଏନ୍ଏ

ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତକଙ୍କର ପ୍ରାୟ ୧୯୦ ଟି ଡି.ଏନ୍.ଏ. ନମୁନାକୁ ସଫଳତାର ଚିହ୍ନଟ କରାଯାଇଛି । ଅହମ୍ମଦାବାଦ ସିଭିଲ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରି ଟେଡେଣ୍ଟ ଡାକ୍ତର ରାକେଶ ଯୋଶୀ କହିଛନ୍ତି, ଏ ପର୍ଯ୍ୟନ୍ତ ୧୫୭ ଜଣଙ୍କର ମୃତ ଦେହ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏତଦ୍ ବ୍ୟତୀତ ସେ କହିଛନ୍ତି, ଦୁର୍ଘଟଣା ଦିନ ସିଭିଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ୭୧ ଜଣ ରୋଗୀଙ୍କ ମଧ୍ୟରୁ ୩ ଜଣ ଲୋକ ପ୍ରାଣ ହରାଇଛନ୍ତି । ଏମାନଙ୍କୁ ଛାଡ଼ି ୪ ଜଣ ଡାକ୍ତରୀ ଛାତ୍ରଙ୍କ ସମେତ ୮ ଜଣ ସ୍ଥାନୀୟ ଲୋକ ମଧ୍ୟ ଦୁର୍ଘଟଣା ପ୍ରାଣ ହରାଇଥିଲେ । ଅନ୍ୟ ପକ୍ଷରେ ଦୁର୍ଘଟଣାରୁ ବଞ୍ଚି ଯାଇଥିବା ଏକ ମାତ୍ର ଯାତ୍ରୀ ବିଶ୍ୱାସ କୁମାରଙ୍କୁ ଗତକାଲି ସୁସ୍ଥ ହେବା ପରେ ଡିସ୍‌ଚାର୍ଜ କରାଯାଇଛି ।

# ଇସ୍ରାଏଲ୍-ଇରାନ୍

ଇସ୍ରାଏଲ୍ ଏବଂ ଇରାନ୍ ମଧ୍ୟରେ ଆକ୍ରମଣ-ପ୍ରତିଆକ୍ରମଣ ଷଷ୍ଠ ଦିନରେ ପହଞ୍ଚିଛି । କ୍ରମାଗତ କ୍ଷେପଣାସ୍ତ୍ର ବିନିମୟ ଏବଂ ବିମାନ ଆକ୍ରମଣ କ୍ରମଶଃ ବ୍ୟାପକ ଆଞ୍ଚଳିକ ସଂଘର୍ଷର ଆଶଙ୍କାକୁ ପ୍ରସୟ ଦେଉଛି ।

ଇରାନ୍ ପକ୍ଷରୁ ଇସ୍ରାଏଲ୍ ଉପରେ ହାଇପୋରସୋନିକ୍ କ୍ଷେପଣାସ୍ତ୍ର ଫଂତାହା ସମେତ ଅନେକ କ୍ଷେପଣାସ୍ତ୍ର ମାଡ଼ ହେବା ପରେ ଇସ୍ରାଏଲ୍ ପକ୍ଷରୁ ପ୍ରତି ଆକ୍ରମଣ କରାଯାଇଥିଲା । ଇରାନ୍‌ର କ୍ଷେପଣାସ୍ତ୍ର ଇସ୍ରାଏଲ୍‌ର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଭେଦ କରିଥିବା ନେଇ ଇରାନ୍ ଦାବି କରିଛି । ଇସ୍ରାଏଲ୍ କହିଛି, ତେହେରାନରେ ଏକ ସେଣ୍ଟ୍ରିଫ୍ୟୁଜ୍ ଉତ୍ପାଦନ କେନ୍ଦ୍ର ସହ ଅନେକ ଅସ୍ତ୍ର ଉତ୍ପାଦନ କେନ୍ଦ୍ର ଉପରେ ଆକ୍ରମଣ ହୋଇଛି ।

ଏହି ଆକ୍ରମଣରେ ଇସ୍ରାଏଲ୍‌ର ୫୦ରୁ ଅଧିକ ଲଢୁଆ ଯୁଦ୍ଧ ବିମାନ ଅଂଶଗ୍ରହଣ କରିଥିଲେ । ଇସ୍ରାଏଲ୍ ସାମରିକ ମୁଖପାତ୍ର ଏଫି ଡେଫ୍ରିନ୍ କହିଛନ୍ତି, ଇସ୍ରାଏଲ୍ ସେନା ଗତ ପାଞ୍ଚ ଦିନ ମଧ୍ୟରେ ଇରାନ୍‌ରେ ୧୧୦୦ ଲକ୍ଷ ସ୍ଥଳକୁ ଆକ୍ରମଣ କରିଛି । ଆନ୍ତର୍ଜାତିକ ପରମାଣୁ ଶକ୍ତି ସଂସ୍ଥା ଆଇ.ଏ.ଇ.ଏ. ମଧ୍ୟ ଇରାନ୍‌ରେ ଦୁଇଟି ସେଣ୍ଟ୍ରିଫ୍ୟୁଜ୍ ଉତ୍ପାଦନ କେନ୍ଦ୍ର ଉପରେ ଆକ୍ରମଣ ହୋଇଥିବା ସ୍ପଷ୍ଟ କରିଛି ।

ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମିନି ଚେତାବନୀ ଦେଇ କହିଛନ୍ତି, ଇରାନ୍ ବିରୁଦ୍ଧରେ ଆମେରିକାର ଯେକୌଣସି ଆକ୍ରମଣର ପରିଣାମ ଅତ୍ୟନ୍ତ ଗମ୍ଭୀର ଏବଂ ଅପୂରଣୀୟ ହେବ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଆତ୍ମସମର୍ପଣ ପାଇଁ ଆହ୍ୱାନର ଜବାବରେ ଜାତି ଉଦ୍ଦେଶ୍ୟରେ ଏକ ବାର୍ତ୍ତାରେ ଖାମିନି କହିଛନ୍ତି, ଇରାନ୍ କେବେ ହେଲେ ଆତ୍ମସମର୍ପଣ କରିବ ନାହିଁ । ପୂର୍ବରୁ ସାମାଜିକ

ଗଣମାଧ୍ୟମରେ ଖାମିନି କହିଥିଲେ, ଯୁଦ୍ଧ ଆରମ୍ଭ ହୋଇଯାଇଛି । ଇରାନ୍ ଇସ୍ରାଏଲ୍‌କୁ କଡ଼ା ଜବାବ ଦେବ, କୌଣସି ଦୟା ଦେଖାଇବ ନାହିଁ ।